# ମାଣ୍ଡିଆରେ ଉଈ ପୋକ (Termite pest)





ମାଣ୍ଡିଆ ବୁଣିବା ଠାରୁ ଅମଳ ହେବା ପର୍ଯ୍ୟନ୍ତ ଯେକୌଣସି ସମୟରେ ଉଈ ଲାଗି ପାରନ୍ତି । ଚିକିଟା ମାଟି ଅପେକ୍ଷା ହାଲୁକା ଦୋରସା ମାଟିରେ କିମ୍ବା ଓଦା ସନ୍ତସନ୍ତିଆ ମାଟି ଅପେକ୍ଷା ଶୁଖିଲା ମାଟିରେ ବେଶୀ ଉଈ ଲାଗନ୍ତି । କିଆରୀରେ ମାଣ୍ଡିଆ ଗଛ ମୂଳେ ମୂଳେ ଉଈ ମାଟି ଧାରେ ଧାରେ ଲମ୍ବିଯାଏ । ଉଈ, ଗଛର ମୂଳକୁ କାଟି ଦେବା ଫଳରେ ଗଛ ମରିଯାଏ । ଆକ୍ରାନ୍ତ ଗଛକୁ ଧରିବା ମାତ୍ରେ ଏହା ସହଜରେ ମାଟିରୁ ଉଠିଆସେ । ବେଳେ ବେଳେ ଗଛର ଚେର ଓ କାଣ୍ଡ ଭିତରେ ମଧ୍ୟ ଉଈ ମାଟି ଦେଖାଯାଏ ।

## ନିୟନ୍ତ୍ରଣ



- ୫ କି.ଗ୍ରା. ଅରଖ ଗଛର ଛୋଟ କଅଁଳ ଡାଳ ଓ ୫ କି.ଗ୍ରା. ଖାଡିଶିଜୁ ଡାଳ ନେଇ ତାକୁ ଛୋଟ ଛୋଟ ଖଣ୍ଡ କାଟି ଏକ ମାଠିଆରେ ରଖିବେ । ଏହାପରେ ସେଥିରେ ୧କି.ଗ୍ରା. ଲୁଣ ଓ ୧୦ ଲିଟର ପାଣି ମିଶାଇବେ । ମାଠିଆର ମୁହଁକୁ ଭଲ ଭାବରେ ବାନ୍ଧି ମାଟି ଭିତରେ ୧୫ ଦିନ ରଖିବେ । ୧୫ ଦିନ ପରେ ଏହାକୁ ମାଟି ଭିତରୁ କାଢି, ଭଲ ଭାବରେ ଛାଣି ଉଈ ଆକ୍ରାନ୍ତ ସ୍ଥାନକୁ ସ୍ପ୍ରେ କରନ୍ତୁ ।
- ଜମିରେ ଶେଷ ଓଡ ଚାଷ କଲା ସମୟରେ ଏକରକୁ ୧୫୦କି.ଗ୍ରା. ନିମ୍ବପିଡିଆକୁ ଗୋବର ଖତରେ ଭଲକରି ମିଶାଇ ପ୍ରୟୋଗ କରନ୍ତୁ ।
- ଏକ ମାଠିଆରେ ୧କି.ଗ୍ରା. ନିମ୍ବପତ୍ରକୁ ଟିକ ଟିକ କରି କାଟି ପକାନ୍ତୁ, ସେଥିରେ ୫ ଲିଟର ଗୋମୁତ୍ର ଓ ୨୫୦

- ମି.ଲି. ଚଲ୍ଲା ଦହି ମିଶାଇ ଦିଅନ୍ତୁ । ମାଠିଆ ମୁହଁକୁ ଭଲ ଭାବରେ ବାନ୍ଧି ଦୁଇ ଦିନ ରଖନ୍ତୁ । ତୃତୀୟ ଦିନ ଏହି ମିଶ୍ରଣକୁ ଛାଣି ସେଥିରେ ୨୦ ଲିଟର ପାଣି ଓ ଟିକେ ସର୍ଫଗୁଣ୍ଡ ମିଶାଇ ଉଈ ଆକ୍ରାନ୍ତ ସ୍ଥାନକୁ ସ୍ପ୍ରେ କରନ୍ତୁ ।
- ୧ କି.ଗ୍ରା. ମାଣ୍ଡିଆ ଚେର ଏବଂ ୨କି.ଗ୍ରା. କଳମ ବା ଅମରି ଗଛର ପତ୍ରକୁ ଛୋଟ ଛୋଟ କରି କାଟି ୫ ଲିଟର ପାଣିରେ ୩୦ ମିନିଟ ସିଝାଇବେ । ଏହା ଥଣ୍ଡା ହେବା ପରେ ଏହାକୁ ଉଈ ଆକ୍ରାନ୍ତ ସ୍ଥାନକୁ ସ୍ପ୍ରେ କରନ୍ତୁ ।
- ୫ କି.ଗ୍ରା. ଅରଖ ପତ୍ରକୁ କାଟି ୧୦ ଲିଟର ପାଣିରେ ୨୪ ଘଣ୍ଟା ବତରାନ୍ତୁ । ଏହାପରେ ଏହି ପାଣିକୁ ୩୦ ମିନିଟ ଫୁଟାଇ ଏବଂ ଥଣ୍ଡା କରି ଉଈ ଲାଗିଥିବା ସ୍ଥାନରେ ସ୍ପ୍ରେ କରନ୍ତୁ ।
- ବାସଙ୍ଗ ପତ୍ରକୁ ଛାଇରେ ଶୁଖାଇ ପରେ ଗୁଣ୍ଡ କରି ପାଉଁଶରେ ଗୋଳାଇ ଉଈ ଲାଗିଥିବା ସ୍ଥାନକୁ ପକାନ୍ତୁ ।
- ସେଲୁନରୁ କଟା ବାଳ ଆଣି ଉଈ ହୋଇଥିବା ସ୍ଥାନରେ ବିଛାଇ ଦିଅନ୍ତୁ , ଯାହାଦ୍ୱାରା କି ଉଈ ଗଛ ନ ଖାଇ ବାଳକୁ ଖାଇବ ।
- ଉଈ ଆକ୍ରାନ୍ତ ସ୍ଥାନରେ ୧୦ ଲିଟର ପାଣିରେ ୩୦ମି.ଲି. କ୍ଲୋରୋପ୍ୟାରିପସ ମିଶାଇ ସ୍ପ୍ରେ କରନ୍ତୁ କିମ୍ବା ଶେଷ ଓଡ ହଳ କଲାବେଳେ ଏକରକୁ ୧୦ କି.ଗ୍ରା. କ୍ଲୋରୋପ୍ୟାରିପସ ଗୁଣ୍ଡ ମାଟିରେ ମିଶାଇ ହଳ କରନ୍ତୁ ।

